# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୧୬୮ /ସୂ.ଲୋ.ସ°, ୧୨/୦୨/୨୦୧୮

## ଜଗତପ୍ରସିଦ୍ଧ କପିଳାସ ଜାଗର ଯାତ୍ରା-୨୦୧୮ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା ୧୨/୦୨/୨୦୧୮ରିଖ: - କପିଳାସ ପୀଠରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ଜାଗର ଯାତ୍ରା ଆସନ୍ତା ତା ୧୪-୨-୨୦୧୮ରିଖ ସୋମବାର ଅନୁଷ୍ଠିତ ହେବ । ଏହି ଜଗତପ୍ରସିଦ୍ଧ କପିଳାସ ଜାଗର ଯାତ୍ରା ପର୍ବ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କପିଳାସ ଜାଗର ଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ କଲ୍ୟାଣ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ ।

ବୈଠକରେ ଯୋଗଦେଇଥିବା ଢେଙ୍କାନାଳ ସଦର ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ଅଧିକାରୀ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଜାଗର ଯାତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଢେଙ୍କାନାଳ ଗଡପୁରୋହିତ ଶ୍ରୀ ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ଅନୁମୋଦିତ ସମୟ ନିର୍ଘଣ୍ଟ ଅନୁଯାୟୀ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ଯଥାରୀତି ପୂଜା ଅର୍ଚ୍ଚନା ସହ ରାତ୍ରୁ ଘ.୭-୪୦ମି. ଠାରୁ ବେଢାପୂଜା, ବେଢା ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ପଣ୍ଡାପଣ୍ଡା ଓ ପାଳିଆ ସେବକଙ୍କ ଦ୍ୱାରା କରାଯାଇ ରାତ୍ରୁ ଘ.୪-୨୪ମି. ଅମୃତ ବେଳା ମଧ୍ୟେ ଶେଷ ହେବ,

ଜନସାଧାରଣ ଓ ଭକ୍ତଙ୍କ ସୁବିଧା ପାଇଁ କପିଳାସ ପୀଠରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ମନ୍ଦିର ଭିତରେ [illegible], ମନ୍ଦିର ପରିସର ବଡଦାଣ୍ଡ, ଘାଟରାସ୍ତା, ଶିଖଲ ବନ୍ଧଙ୍କ ଠାରୁ ଗାଡି ପାର୍କିଂ ସ୍ଥାନ ପର୍ଯ୍ୟନ୍ତ କରାଯିବ । ସେହି ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁପ୍ରସାଦ ମିଶ୍ର ଅଧିକ ଟ୍ରାନ୍ସଫର୍ମର ବସାଯିବ ବୋଲି କହିଥିଲେ । ଯାତ୍ରା ସମୟରେ ବିଦ୍ୟୁତ କାଟରୁ ରକ୍ଷା ନିମନ୍ତେ ଜେନେରେଟର ବ୍ୟବସ୍ଥା ରହିବ । ଜଳଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କେବଳ ପାସ ଥିବା ଗାଡିଗୁଡିକ କପିଳାସ ପୀଠକୁ ଜାଗର ଦିନ ଯାଇପାରିବେ । ଯାତ୍ରୀମାନଙ୍କୁ କପିଳାସ ପୀଠକୁ ନେବା ଆଣିବା ପାଇଁ ଯାନ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ, ଜିଲ୍ଲା ପରିବହନ ଅଧିକାରୀଙ୍କୁ

(ଆ:ପୃ:ଦ୍ର:)

ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ଗାଡ଼ି ପାର୍କ ବ୍ୟବସ୍ଥା କରାଯିବ । ଅସ୍ଥାୟୀ ଦୋକାନୀମାନଙ୍କୁ ଡେପୁଟି କଲେକ୍ଟର ଗନ୍ଧିଆ, ଗନ୍ଧିଆ ଥାନା ଭାରପ୍ରାପ୍ତ ଅଧିକାରୀ, ଆର୍.ଆଇ., କପିଳାସ, ଦେବୋତ୍ତର ବିଭାଗ ଓ ସରପଞ୍ଚ ଦେଓଗାଁ ଗ୍ରାମପଞ୍ଚାୟତ ସ୍ଥାନ ଚୟନ ଓ ମାଶୁଲ ଆଦାୟ କରିବେ । ବିନାନୁମତିରେ ଅସ୍ଥାୟୀ ଦୋକାନକୁ ଅନୁମତି ଦିଆଯିବ ନାହିଁ । ଅଗ୍ନିନିର୍ବାପକ ବ୍ୟବସ୍ଥା ଦୁଇଗୋଟି ଦଳରେ ପ୍ରତ୍ୟେକ ଶିଫ୍ଟରେ ୬ଘଣ୍ଟା କରି ଶିବିର ପରିଚାଳନା କରାଯିବ ବୋଲି ଦମକଳ ଅଫିସର ଶ୍ରୀ ରମାକାନ୍ତ ନାୟକ ପ୍ରକାଶ କରିଥିଲେ । ବି.ଡି.ଓ. ଗନ୍ଧିଆଙ୍କ ତତ୍ତ୍ୱାବଧାନରେ ଆଗାମୀ ୧୦ଦିନ ମଧ୍ୟରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମନ୍ଦିର ଆଖପାଖ ଅଞ୍ଚଳ ପରିଚ୍ଛନ୍ନତା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଆବଶ୍ୟକ ସ୍ଥାନରେ [illegible] ବ୍ୟବସ୍ଥା କରାଯିବ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶୁ ଚିକିତ୍ସା ବ୍ୟବସ୍ଥା କରିବା ସହ ମୋବାଇଲ ଆମ୍ବୁଲାନ୍ସ ବ୍ୟବସ୍ଥା କରିବେ । କପିଳାସ ପୀଠରେ ମାଦକ ଦ୍ରବ୍ୟ କାରବାର ଏବଂ ବ୍ୟବହାରକୁ ନିଷେଧ କରାଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପର୍ଯ୍ୟାପ୍ତ ଆରକ୍ଷୀ ମୁତୟନ କରାଯିବ ବୋଲି କହିଥିଲେ । ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ମୁତୟନ ବ୍ୟବସ୍ଥା ହେବ । ଗଣମାଧ୍ୟମରେ ବହୁପ୍ରସିଦ୍ଧ ଜାଗର ଯାତ୍ରାର ପ୍ରଦର୍ଶନ ଓ ପ୍ରଚାର ବ୍ୟବସ୍ଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦ୍ୱାରା କରାଯିବ । ଜାଗର ଯାତ୍ରା ସମୟରେ ପଲିଥିନକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଚଳିତ ବର୍ଷ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆଧାରିକ ବନ୍ଦନା ନେଇ ଆୟୋଜିତ ହେବ । ଏଥିପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ସ୍ଥାନ ଚୟନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସିସି ଟିଭି ବ୍ୟବସ୍ଥା ସହ ଭିଡିଓ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରସ୍ତୁତ କରାଯିବ । ସେବା ଦେଉଥିବା ଲୋକଙ୍କୁ ମୁତୟନ କରିବା ସହ ଭଲଣ୍ଟିୟର ଓ ଜେନେରେଟର ପାଖରେ ମଧ୍ୟ ଲୋକଙ୍କୁ ଦାୟିତ୍ୱ ଦିଆଯିବ ।

ଉକ୍ତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଚଳିତବର୍ଷ ସୋମବାର ଶିବରାତ୍ରି ପଡ଼ୁଥିବାରୁ ଅଧିକ ଜନସମାଗମ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ବୈଠକରେ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଦେବୋତ୍ତର କର୍ମଚାରୀଗଣ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଓ ଅନ୍ୟ ଆମନ୍ତ୍ରିତ ଅତିଥିଗଣ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

— × —

ହେମନ୍ତ କୁମାର ନାୟକ
୧୨/୦୨/୨୦୧୮
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ



ଓଁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରାୟ ନମଃ

କର୍ପୂର ଗୌରଂ କରୁଣାବତାରଂ ସଂସାର ସାରଂ ଭୁଜଗେନ୍ଦ୍ର ହାରଂ
ସଦାବସନ୍ତଂ ହୃଦୟାର ବିନ୍ଦେ ଭବଂ ଭବାନୀ ସହିତଂ ନମାମି ।

# ସନ ୨୦୧୯ର ମହାଶିବରାତ୍ରୀ (ଜାଗର ପର୍ବ)

ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ କପିଳାସ ପୀଠରେ
ତା ୪-୩-୨୦୧୯ ରିଖ ସୋମବାର ରାତ୍ରକାଳୀନ ଷୋଡ଼ଶ ଉପଚାର
ଜାଗର ପୂଜାବିଧି ନିମ୍ନ କାର୍ଯ୍ୟନିର୍ଘଣ୍ଟ ମତେ ପାଳିତ ହେବ ।
(ଦିବସ ଜାଗର ପୂଜା, ପାରମ୍ପରିକ ନୀତି ଅନୁସାରେ ପାଳନ ହେବ)

୧. ସାଂୟ ଆରତ୍ରୀକ ପୂଜାପଣ୍ଡାଙ୍କ ଦ୍ୱାରା ସନ୍ଧ୍ୟା ଘ.୬.୦୦ମି. (ସୂର୍ଯ୍ୟାସ୍ତ ଘ.୫.୫୦ମି.) ମଧ୍ୟେ ଶେଷ ହୋଇ ପ୍ରଥମ ୪ ପୂଜା ରାତ୍ର ଘ.୭.୦୦ମି.ଠାରୁ ରାତ୍ର ଘ.୮.୩୦ମି. ମଧ୍ୟେ ଶେଷ ହେବ ।

୨. ରାତ୍ର ଘ.୮.୩୦ମି.ରୁ ରାତ୍ର ଘ.୧୦.୦୦ମି. ମଧ୍ୟେ ପୀଠ ପୁରୋଧାଙ୍କ ୪ ପୂଜା ଶେଷ ହେବ ।

୩. ରାତ୍ର ଘ.୧୦.୦୦ମି.ଠାରୁ ରାତ୍ର ଘ.୧.୦୦ମି. ମଧ୍ୟେ ରାଜପୁରୋଧାଙ୍କ ଦ୍ୱାରା ବରଣ ହେବା, ୪ ପୁରୋଧାଙ୍କ ଦ୍ୱାରା ୪ ପୂଜା ସମ୍ପର୍ଣ୍ଣ ହେବ । ରାଜ ପୁରୋଧାଙ୍କ ପୂଜାରମ୍ଭ ସମୟେ ପାରମ୍ପରିକ ରାଜସେବା-ପୂଜା ଓ ରାଜଦର୍ଶନ ନିମିତ୍ତ ଯଥାବିଧି ନିମନ୍ତ୍ରଣ ଓ ଦର୍ଶନରେ ଶୃଙ୍ଖଳିତ ବ୍ୟବସ୍ଥା (ବିଭାଗୀୟ କର୍ମକର୍ତ୍ତା) ରାଜା ସାହେବଙ୍କର କରାଇବେ ।

୪. ରାତ୍ର ଘ.୧.୦୦ମି.ଠାରୁ ତା ଘ.୨.୩୦ମି. ମଧ୍ୟେ ରାଜପୁରୋଧାଙ୍କ ୪ ପୂଜା ଏବଂ ଘ.୩.୦୦ମି. ମଧ୍ୟେ ରାଜପୁରୋଧା ଓ ସମସ୍ତ ପୂଜକଙ୍କ ଦ୍ୱାରା ମହାରୁଦ୍ରାଭିଷେକ ।

୫. ରାତ୍ର ଘ.୩.୦୦ମି.ଠାରୁ ରାତ୍ର ଘ.୩.୫୦ମି. ମଧ୍ୟେ ମହାସ୍ନାନ ଓ ନାଗାଭରଣ ବେଶ ଏବଂ ପଞ୍ଚବକ୍ତ୍ର ପୂଜା ରାଜପୁରୋଧାଙ୍କ ଦ୍ୱାରା ସମ୍ପନ୍ନ ହେବ । ନାଗାଭରଣ ବେଶରେ ଆରତ୍ରଣକ ଓ ମହାଦୀପ ଉତ୍ସର୍ଗ ନିମିତ୍ତ ରାଜଦର୍ଶନର ପୂର୍ବ ପରିପୂନଷ୍ଟ ବ୍ୟବସ୍ଥା ।

୬. ରାତ୍ର ଘ.୩.୫୦ମି.ଠାରୁ ବେଢ଼ାପୂଜା, ବେଢ଼ା ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ପୂଜାପଣ୍ଡା ଓ ପାଳିଆ ସେବକଙ୍କ ଦ୍ୱାରା କରାଯାଇ ରାତ୍ର ଘ.୪.୨୫ମି. (ଅମୃତ ବେଳା) ମଧ୍ୟେ ଶେଷ ହେବ ।

୭. ରାତ୍ର ଘ.୪.୨୫ମି.ରେ ପୂଜାପଣ୍ଡାଙ୍କ ଦ୍ୱାରା ହରିହର ଭେଟର ପୂଜା କାର୍ଯ୍ୟ ।

୮. ରାତ୍ର ଘ.୪.୩୦ମି.ଠାରୁ ଘ.୪.୪୦ମି. ମଧ୍ୟେ ନିତ୍ୟଧୂପ ଓ ପହଡ଼ (ପୂଜାପଣ୍ଡାଙ୍କ ଦ୍ୱାରା) ।

୯. ପ୍ରାତଃ ଘ.୪.୫୦ମି.ରେ ଯୋଗନିଦ୍ରା ଭଙ୍ଗ ଏବଂ ଯୋଗୀବେଶ ପ୍ରାତଃ ଘ.୫.୫୦ମି. ପର୍ଯ୍ୟନ୍ତ (ଯୋଗୀମାନଙ୍କ ଦ୍ୱାରା) ।

୧୦. ସକାଳ ଘ.୬.୦୦ମି. ମଧ୍ୟେ ମନ୍ଦିର ସଫେଇ ଏବଂ ମାଘ ସ୍ନାନ ହୋଇ ଘ.୬.୨୦ମି. (ଉଦୟ) ମଧ୍ୟେ ଜୟମଙ୍ଗଳ ଆରତ୍ରୀକ । ଏହାପରେ ଅନ୍ୟାନ୍ୟ ନିତ୍ୟ ଧୂପାଦି ଯଥାବିଧି ପାଳନ କରାଯିବ ।

ବି:ଦ୍ର: ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ନିଯୋଗ ଦ୍ରବ୍ୟ ବିଭାଗୀୟ କର୍ମଚାରୀ (ରାତ୍ର ଘ୭.୦୦ମି. ପୂର୍ବରୁ) ଯୋଗାଇବେ ଏବଂ ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଥମ ପୂଜା ନିର୍ଦ୍ଧାରିତ ସମୟରେ ଶେଷ କରାଇବେ ।

ସ୍ୱା/-
ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ



ସ୍ୱା/-
(ଶ୍ରୀ ପଞ୍ଚାନନ ମିଶ୍ର)
ରାଜପୁରୋଧା,
ଢେଙ୍କାନାଳ